ଓଡ଼ିଶୀ କୀର୍ତ୍ତନରେ ଶ୍ରୀଗୀତଗୋବିନ୍ଦର ପ୍ରଭାବ

ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ

ଉତ୍କଳୀୟ ସଂସ୍କୃତିରେ ସଂକୀର୍ତ୍ତନର ଧାରା କେବେଠାରୁ ଆରମ୍ଭ ହୋଇଛି, ତାହାର କୌଣସି ସ୍ପଷ୍ଟ ତଥ୍ୟ ଇତିହାସରେ ମିଳୁନଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଜରାଜୀର୍ଣ୍ଣ ମନ୍ଦିରର ପୁନଃ ନିର୍ମାଣ ସହ ଗୁମୁଟି ମନ୍ଦିର ନିର୍ମାଣ ଓ ତାହାର ପ୍ରତିଷ୍ଠା ସମୟରେ ଏହାର ଅସ୍ତିତ୍ୱ ଥିବାର ସ୍ପଷ୍ଟତା କେବେହେଲେ ଅସ୍ୱୀକାର କରିହେବ ନାହିଁ । ଏହି ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠାର ମୁଖ୍ୟ ଥିଲେ ତତ୍କାଳୀନ କଳିଙ୍ଗର ଗଙ୍ଗ ସମ୍ରାଟ ଚୋଡଗଙ୍ଗଦେବ (ଖ୍ରୀ.ଅ. ୧୦୭୮-୧୧୪୭) । ସେତେବେଳେ ତାଙ୍କ ଦ୍ୱାରା ପ୍ରଚଳିତ ରାହାସ ନୃତ୍ୟରେ ମୃଦଙ୍ଗ, ଗିନି ଓ ଝାଞ୍ଜର ପ୍ରଚଳନ ଥିଲା । ରାହାସ କହିଲେ ରାସନୃତ୍ୟକୁ ବୁଝାଯାଏ । ସମ୍ରାଟ ଚୋଡଗଙ୍ଗଦେବ ଏହି କୀର୍ତ୍ତନ ନିମନ୍ତେ ଗୋଦାବରୀ ନଦୀ କୂଳରୁ ମୃର୍ତ୍ତିକା ଅଣାଇ ସେଥିରେ ମୃଦଙ୍ଗ ନିର୍ମାଣ କରାଉଥିଲେ । ମୃଦଙ୍ଗ, ଝାଞ୍ଜ ଓ ଗିନିର ତାଳେ ତାଳେ କୀର୍ତ୍ତନ ଓ ନୃତ୍ୟ ଆରମ୍ଭ ହେଉଥିଲା ଓ ସେହି ସମୟରୁ ମାହାରୀ ନୃତ୍ୟ ମଧ୍ୟ ଶ୍ରୀମନ୍ଦିର ସେବାରେ ପ୍ରବେଶ କରିଥିବା ଷୋଡଶ ଶତାବ୍ଦୀର କବି ମାଧବ ପଟ୍ଟନାୟକଙ୍କ 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥରୁ ଜଣାଯାଏ । ଗୋଦାବରୀ ନଦୀ କୂଳରୁ ମୃଦଙ୍ଗ ନିର୍ମାଣ ନିମନ୍ତେ ମାଟି ଆଣୁଥିବା ଯୋଗୁଁ ଓଡ଼ିଶାରେ ନାମ ସଂକୀର୍ତ୍ତନ ମୂଳରେ ଦକ୍ଷିଣର ପ୍ରଭାବ ଥିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ଜୀର୍ଣ୍ଣ ଥିବାରୁ ସମ୍ରାଟ ଚୋଡଗଙ୍ଗଦେବ ଏହାର ସଂସ୍କାର କାର୍ଯ୍ୟ କରିବା ସହ ତତ୍‌ସଲଗ୍ନ ବିମାନ ଓ ଜଗମୋହନ ମନ୍ଦିର ଆଦି ନିର୍ମାଣ କରାଇଥିଲେ । ଏହି ଗର୍ଭଗୃହ ପ୍ରତିଷ୍ଠା ଦିନ ତାଙ୍କର ଜ୍ୟେଷ୍ଠପୁତ୍ର କାମାର୍ଣ୍ଣଦେବ (ଖ୍ରୀ.ଅ. ୧୧୪୭-୧୧୫୬) ଯୁବରାଜ ପଦରେ ମଧ୍ୟ ଅଭିଷିକ୍ତ ହୋଇଥିଲେ । ତେଣୁ ଏଥିରେ ମନ୍ଦିର ପ୍ରତିଷ୍ଠା ଓ କାମାର୍ଣ୍ଣଦେବଙ୍କ ଯୁବରାଜ ପଦରେ ଅଭିଷେକ ହେବା ସହ କୀର୍ତ୍ତନ ପ୍ରଚଳନର ଏକ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ । କବି ମାଧବ ପଟ୍ଟନାୟକଙ୍କ ଆବିର୍ଭାବ ସମ୍ରାଟ ଚୋଡଗଙ୍ଗଦେବଙ୍କ ରାଜତ୍ୱର ପ୍ରାୟ ୩୦୦ବର୍ଷ ପରେ ହୋଇଛି । ସେ ଥିଲେ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳ ତଥା ଦକ୍ଷିଣ ଉତ୍କଳର ରାଜମହେନ୍ଦ୍ରୀଠାରେ ରାଜ୍ୟପାଳ ଥିବା ରାୟ ରାମାନନ୍ଦଙ୍କର ଜଣେ ବ୍ୟକ୍ତିଗତ ସହାୟକ । ଜଣାଯାଏ ଯେ, ଖ୍ରୀ.ଅ. ୧୪୯୨ଠାରୁ ସେ ରାୟରାମାନନ୍ଦଙ୍କର ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରିଆସୁଥିଲେ । କବି ମାଧବ ପଟ୍ଟନାୟକଙ୍କ ଘର ଥିଲା ଖଣ୍ଡପଡା ଗଡ । ତାଙ୍କୁ ଯେତେବେଳେ ମାତ୍ର ୨୧ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ପୁରୀ ଶ୍ରୀକ୍ଷେତ୍ରରେ ପହଞ୍ଚି ଥିଲେ ଓ ପୁରୀ ନିକଟସ୍ଥ ବ୍ରହ୍ମଗିରିର ବେଣ୍ଟପୁର ଗ୍ରାମରେ ଥିବା ଭକ୍ତ ମାଧବେନ୍ଦ୍ର ପୁରୀ ଓ ତାଙ୍କ ସହିତ ତାଙ୍କର ଦୁଇ ଶିଷ୍ୟ ଈଶ୍ୱରପୁରୀ ଓ ରାଘବପୁରୀଙ୍କ କୀର୍ତ୍ତନ ଦେଖିବା ନିମନ୍ତେ ଯାଇଥିଲେ । ସେମାନଙ୍କ କୀର୍ତ୍ତନ ଦେଖି ଏଭଳି ଭାବ ବିହ୍ୱଳ ହୋଇପଡିଲେ ଯେ ତାଙ୍କୁ ସେମାନଙ୍କ ଦଳରେ ରଖିବା ନିମନ୍ତେ ଅନୁରୋଧ କରିଥିଲେ । ମାତ୍ର ସେଠାରେ ଉପସ୍ଥିତ ଥିବା ରାୟରାମାନନ୍ଦ ଯୁବକଟିର ପରିଚୟ ପାଇ ତାଙ୍କୁ ନିଜ ପାଖରେ ରଖି ଶିକ୍ଷିତ କରାଇଥିଲେ । ରାୟରାମାନନ୍ଦଙ୍କ ବାପା ଭବାନନ୍ଦ ପଟ୍ଟନାୟକ ମେଦିନୀପୁରର ମନ୍ଦାରଗଡ ଠାରେ ରାଜ୍ୟପାଳ ରୂପେ ଗଜପତି ପୁରୁଷୋତ୍ତମଙ୍କ ଦ୍ୱାରା ନିଯୁକ୍ତି ପାଇଥିଲେ । ତେଣୁ କବିଙ୍କର ଜନ୍ମ ହିସାବରୁ ଜଣାଯାଏ ଯେ ସେ ସମସ୍ତ ସମୟ ପୁରୀରେ ହିଁ କଟାଇଛନ୍ତି । ତେଣୁ ଚୋଡଗଙ୍ଗଦେବଙ୍କ ପରଠାରୁ ୩୦୦ ବର୍ଷର ଲୋକକଥାକୁ ସେ ନିଶ୍ଚିତ ଭାବରେ ଶୁଣି ବା ସଂଗ୍ରହ କରି ନିଜର ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ''ବୈଷ୍ଣବ ଲୀଳାମୃତ''ରେ ଥିବା ଏ ସମ୍ପର୍କୀୟ କେତୋଟି ପଦର ଅବତାରଣା ଏଠାରେ ଉଲ୍ଲେଖ କରାଯାଇଛି ।

ରାଧାକୃଷ୍ଣ ଏ ମେଳ ବପୁ ॥ ଜଗନ୍ନାଥ ଯେ ସର୍ଜିବାକୁ
ସ୍ୱାମୀ ଯେ ମେଳା ଭିଆଇଲା ॥ ରାହାସ ନାମଟି ସେ ଦେଲା
ଏଥେ ଜପ ଯେ ତପ ଯୋଗ ॥ ଭଗତି ଭାବ ଅନୁରାଗ
ସବୁକୁ ଆଣି ମେଳାଇଲା ॥ ରାହାସ ବୋଲିଣ ବୋଇଲା
ରାହାସ ନାମ ସଂକୀର୍ତ୍ତନ ॥ ନାମ ହୁଁ ନୋହେ ଏଟି ଭିନ୍ନ
ଏଥେ ଝାଞ୍ଜ ମୃଦଙ୍ଗ ଗିନି ॥ କରତାଳି ଯେ ଲୋଡା ପୁଣି
କୃଷ୍ଣ ରସ ଯେ ଗୀତ ହୋଇ ॥ ଗୀତଗୋବିନ୍ଦ କର୍ଣ୍ଣାମୃତ ଚିଓ୍ଵାଇ
ଦକ୍ଷିଣୀ ପଦ ମେଳ ଧରି ॥ ନାଚନ୍ତି ପଙ୍‌କ୍ତି ପ୍ରାୟେ କରି
ଝାଞ୍ଜ ମୃଦଙ୍ଗ କଳରୋଳେ ॥ ନାଚନ୍ତି ଢଳିଣ ଶୟଳେ
ଆକାଶ ଅବନୀ ଏକାକାର ॥ ପୃଥିବୀ ଦ୍ରବେ ଜଳଧାର

('ବୈଷ୍ଣବ ଲୀଳାମୃତ' ଦ୍ୱିତୀୟ ଅଧ୍ୟାୟ– ପଦ ୫–୧୪)

ଏହି କୀର୍ତ୍ତନରେ ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ ଓ ବିଲ୍ୱମଙ୍ଗଳଙ୍କ ଶ୍ରୀକୃଷ୍ଣକର୍ଣ୍ଣାମୃତର ପଦମାନ ଗାନ କରାଯାଉଥିଲା । ତେଣୁ ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆବିର୍ଭାବ ପୂର୍ବରୁ ଓଡ଼ିଶାରେ ସଂକୀର୍ତ୍ତନ ଧାରାର ପ୍ରଚଳନ ଥିଲା ।

ଶ୍ରୀଚୈତନ୍ୟ ପୁରୀରେ ଆସି ପହଞ୍ଚିବା ପରେ ପଞ୍ଚସଖାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଛି । ଶ୍ରୀମନ୍ଦିର ବେଢାରେ ଜଗନ୍ନାଥ ଦାସ ବଟ ଗଣେଶଙ୍କ ନିକଟରେ ରାଧାକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନା କରିବା ସହ ସେଠାରେ ସଂସ୍କୃତ ଭାଗବତର ଓଡ଼ିଆ ରୂପାନ୍ତର ଲୋକମାନଙ୍କୁ ତାହାର ତତ୍ତ୍ୱମାନ ବୁଝାଉଥିଲେ । ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କ ପାଖରେ ପ୍ରଥମେ ପହଞ୍ଚି ଭାଗବତର ଏହି ତତ୍ତ୍ୱକୁ ବୁଝିଥିଲେ। ସେତେବେଳେ ତାଙ୍କ ସହ ନଦିଆରୁ ଆସିଥିବା ସହଚରମାନେ ପୁରୀରେ ଆସି ପହଞ୍ଚି ନଥିଲେ । ଜଗନ୍ନାଥ ଦାସଙ୍କ ଠାରୁ ଏପରି ତତ୍ତ୍ୱମାନ ଶୁଣି ଶ୍ରୀଚୈତନ୍ୟ ତାଙ୍କୁ 'ସ୍ୱାମୀ' ବୋଲି ସମ୍ବୋଧନ କରିଥିଲେ । ଏହାପରେ ଶ୍ରୀଜଗନ୍ନାଥ ଦାସଙ୍କର ଅନ୍ୟ ସଖାମାନେ ଯେଉଁମାନେ କି ସେତେବେଳେ ପଞ୍ଚସଖା ନାମରେ ଓଡ଼ିଶାରେ ବିଦିତ ଥିଲେ, ସେମାନଙ୍କର ରାୟରାମାନନ୍ଦଙ୍କ ସହ ଘନିଷ୍ଠତା ରହିଥିଲା । ତେଣୁ ଶ୍ରୀଚୈତନ୍ୟ ବି କ୍ରମଶଃ ସେମାନଙ୍କ ସହ ପରିଚିତ ହୋଇଗଲେ । ରାଧା ହିଁ ଶ୍ରୀକୃଷ୍ଣଙ୍କର ଆହ୍ଲାଦିନ ଶକ୍ତି ଓ ଏହି ଶକ୍ତି ହିଁ ଆନନ୍ଦମୟୀ ଏବଂ ରାଧାକୃଷ୍ଣଙ୍କର ତତ୍ତ୍ୱକୁ ଶ୍ରେଷ୍ଠ ତତ୍ତ୍ୱ ଭାବରେ ପଞ୍ଚସଖାମାନେ ଗ୍ରହଣ କରିନେଇଥିଲେ । ଶ୍ରୀଚୈତନ୍ୟ ରାୟରାମାନନ୍ଦଙ୍କ ଠାରୁ ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦର ରାଧା ଭାବ ତତ୍ତ୍ୱ କଥା ଶୁଣିଥିଲେ ଓ ସେଥିପାଇଁ ତାଙ୍କୁ ନିଜର 'ଗୁରୁ' ଭାବରେ ସ୍ୱୀକାର କରିଥିବା ଉକ୍ତ 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ଏଥିରୁ ନିଶ୍ଚିତ ଯେ ଶ୍ରୀଚୈତନ୍ୟ ପୁରୀ ଆସି ପଞ୍ଚସଖାଙ୍କ ସହ ମିଶିବା ପୂର୍ବରୁ ଶ୍ରୀଜୟଦେବ ଓ ଗୀତଗୋବିନ୍ଦରେ ବର୍ଣ୍ଣିତ ରାଧାଭାବ ତତ୍ତ୍ୱ ସମ୍ପର୍କରେ ଆଦୌ କିଛି ଜାଣିନଥିଲେ ।

ଏହି ପଞ୍ଚସଖା ଓ ଶ୍ରୀଚୈତନ୍ୟ ସେତେବେଳେ ଉତ୍କଳର ବିଭିନ୍ନ ସ୍ଥାନକୁ କୀର୍ତ୍ତନ କରିବା ନିମନ୍ତେ ଯାଉଥିଲେ । ଶ୍ରୀଚୈତନ୍ୟଙ୍କ ଶେଷ ୧୨ବର୍ଷ ପଞ୍ଚସଖାଙ୍କ ସହିତ ଏହି କୀର୍ତ୍ତନ କରିବାରେ ସମ୍ପୂର୍ଣ୍ଣ ଭାବେ ଅତିବାହିତ ହୋଇଥିଲା । ସେଗୁଡିକ ମଧ୍ୟରୁ ପ୍ରତିବର୍ଷ ପୌଷ ପୂର୍ଣ୍ଣମୀ ତିଥିରେ ଏହି ବୈଷ୍ଣବଗୋଷ୍ଠୀ ପୁରୀରୁ ଏକାମ୍ରକ୍ଷେତ୍ର ଭୁବନେଶ୍ୱରକୁ ଆସୁଥିଲେ ଓ ସେଠାରେ କୃତିବାସ ଲିଙ୍ଗରାଜଙ୍କୁ ପୂଜାକରି କୀର୍ତ୍ତନ ଆରମ୍ଭ କରୁଥିଲେ । ତାହା ପରେ ଅନନ୍ତ ବାସୁଦେବ, କେଦାର ଗୌରୀରେ କୀର୍ତ୍ତନ ସାରି ନିଆଳୀ ଶାସନ ନିକଟସ୍ଥ ମାଧବ ମନ୍ଦିରରେ କୀର୍ତ୍ତନ କରୁଥିଲେ । ତାହା ପରେ ଶ୍ରୀଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲୀ ଗ୍ରାମରେ ଶ୍ରୀଗୀତଗୋବିନ୍ଦର ପଦମାନ ଗାନ ସହ କୀର୍ତ୍ତନ କରି ଭାବବିହ୍ୱଳିତ ହୋଇପଡୁଥିଲେ । ଏଥିରୁ ପ୍ରମାଣିତ ଯେ ଷୋଡଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ କେନ୍ଦୁଲୀ ଗ୍ରାମ ଓ ସେଠାରେ ଥିବା ଶ୍ରୀଜୟଦେବଙ୍କ ସ୍ମୃତି ଅମ୍ଳାନ ଥିଲା । ଏହାପରେ ସେମାନେ କାକଟପୁରରେ ମଙ୍ଗଳାଙ୍କ ଦର୍ଶନସାରି କୋଣାର୍କରେ ପହଞ୍ଚି ସେଠାରେ କୀର୍ତ୍ତନ କରୁଥିଲେ । ସେମାନେ କୋଣାର୍କରେ ପ୍ରତିଦିନ ଭୋଗ ହେଉଥିବା ଖିରୀ ଓ ଲଡୁ ଖାଉଥିବାର ବୈଷ୍ଣବ ଲୀଳାମୃତରେ ଉଲ୍ଲେଖ ରହିଛି । ତେଣୁ ଏଥିରୁ ଜଣାଯାଏ ଯେ ଉକ୍ତ ସମୟରେ କୋଣାର୍କ ମନ୍ଦିରର ପୂଜା ପଦ୍ଧତି ଅକ୍ଷୁର୍ଣ୍ଣ ଥିଲା ।

ଏହିପରି ସେମାନେ କଟକ ବାରବାଟୀରେ ଥିବା ଗଜପତି ସମ୍ରାଟ ପ୍ରତାପରୁଦ୍ରଦେବଙ୍କ ଶ୍ରୀନଅରରେ ମଧ୍ୟ କୀର୍ତ୍ତନ କରୁଥିଲେ। ଚୈତ୍ର ମାସରେ ବିରଜା କ୍ଷେତ୍ର ଯାଜପୁରକୁ କୀର୍ତ୍ତନ ପାଇଁ ଯାଉଥିଲେ। ଫେରିବା ବେଳେ ବାଟରେ ସେମାନେ କେନ୍ଦ୍ରାପଡାର ବଳଦେବଙ୍କ ମନ୍ଦିର ଓ ଝଙ୍କଡରେ ଥିବା ଶାରଳାଙ୍କ ମନ୍ଦିରରେ କୀର୍ତ୍ତନ କରୁଥିଲେ ।

ଶ୍ରୀଚୈତନ୍ୟ ଓ ପଞ୍ଚସଖା ଯେଉଁଠାକୁ କୀର୍ତ୍ତନ କରିବାକୁ ଯାଉଥିଲେ ସେଠାରେ ପ୍ରଥମେ ଜଗନ୍ନାଥ ଦାସଙ୍କ ଭାଗବତ ପୋଥିମାନ ଗୋଟିଏ ଆସନ ଉପରେ ସ୍ଥାପନ କରି ଦେବତା ଭଳି ପୂଜା କରୁଥଲେ । ଆଉ ସେହିଦିନ ସେଠାର ଗ୍ରାମର ପ୍ରତି ଘରେ ଭାଗବତ ପାଠ କରାଯାଉଥିଲା । କୀର୍ତ୍ତନ ବେଳେ ଶ୍ରୀଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦର ଅନୁବାଦ ସହ କୃଷ୍ଣକର୍ଣ୍ଣାମୃତର ପଦମାନ ଗାନ କରି ସେମାନେ ନୃତ୍ୟ କରୁଥିଲେ । ଲୋକେ ହିଂସ୍ରଜନ୍ତୁ ଭୟ, ପ୍ରାକୃତିକ ବିପର୍ଯ୍ୟୟ ଓ ଅପୁତ୍ରିକର ପୁତ୍ର ଲାଭ ନିମନ୍ତେ ଗ୍ରାମେ ଗ୍ରାମେ କୀର୍ତ୍ତନର ଆୟୋଜନ କରୁଥିଲେ ଓ ପଞ୍ଚସଖାଙ୍କ ସହ ଶ୍ରୀଚୈତନ୍ୟଙ୍କୁ କୀର୍ତ୍ତନ କରିବା ନିମନ୍ତେ ନିମନ୍ତ୍ରଣ କରୁଥିଲେ ।

କୀର୍ତ୍ତନରେ ମୁଖ୍ୟତଃ ଭାଗବତ ପୋଥି ସହ ତୁଳସୀ ଗଛ ରଖାଯାଉଥିଲା ଓ ଶ୍ରୀଜୟଦେବଙ୍କ ଜୟଗାନ କରିବା ସହିତ କୀର୍ତ୍ତନର ଆରମ୍ଭ ଶ୍ରୀଗୀତଗୋବିନ୍ଦରୁ ହିଁ କରାଯାଉଥିଲା । ଏହା ସହିତ ଜଗନ୍ନାଥ ଦାସ ମଧ୍ୟ କୃଷ୍ଣ ସଙ୍ଗୀତ ରଚନା କରୁଥିଲେ ଓ ତାକୁ ସମସ୍ତେ ମିଶି ଗାଇ କୀର୍ତ୍ତନ କରୁଥିଲେ । ଏହି କୀର୍ତ୍ତନ ଗୋଷ୍ଠୀଙ୍କ ସହିତ ଶ୍ରୀଚୈତନ୍ୟଙ୍କ ସହ ନଦିଆରୁ ଆସିଥିବା କୌଣସି ସହଚର ସହଯୋଗ କରୁନଥିଲେ । ଜଗନ୍ନାଥ ଦାସଙ୍କ କୃଷ୍ଣ ସଙ୍ଗୀତର ଏକ ଅନୁବାଦ ନିମ୍ନରେ ଦିଆଗଲା ।

ତୋର ଚରଣେ ମନ ଲାଗଇରେ ।
ଗିରିଧର ! ତୋର ଚରଣେ ମନ ଲାଗଇରେ ॥
ନଟବର ନାଗର ଗୋପୀଙ୍କ ବାସ ଚୋର
ତୋର ଚରଣେ ମନ ଲାଗଇରେ ॥
ପୟର ତୋର ଛନ୍ଦା ଭଗତ ଭାବେ ବନ୍ଧା
ତୋର ଚରଣେ ମନ ଲାଗଇରେ ॥
ଗୋପୀଙ୍କ ମନ ହର ରାଧାର ଚିତ୍ତ ଚୋର
ତୋର ଚରଣେ ମନ ଲାଗଇରେ ॥
ଜଗା ଦାସ ବୋଲଇ ଦାସ ଭାବରେ ରହି
ପ୍ରେମଧନକୁ ମନ ଆସଇରେ ॥
ତୋର ଚରଣେ ମନ ଲାଗଇରେ ॥

କୀର୍ତ୍ତନରେ ବ୍ୟବହୃତ ମୃଦଙ୍ଗକୁ କେଉଁଭଳି ଭାବରେ 'ଖୋଳ' କୁହାଗଲା, ତାହାର ଏକ ସୁନ୍ଦର ଗପ ବୈଷ୍ଣବ ଲୀଳାମୃତରେ ଦେଖିବାକୁ ମିଳେ ।

ଶ୍ରୀଚୈତନ୍ୟ ନିଜ ସାଥିମାନଙ୍କ ସହିତ ପୁରୀର ସାହି ଦାଣ୍ଡରେ କୀର୍ତ୍ତନ କରି ଗଲାବେଳେ ଘର ଭିତରୁ ପିଲାମାନେ ବାହାରି ଆସି ଏହି କୀର୍ତ୍ତନକୁ ଦେଖୁଥିଲେ । ଥରେ ଦାଣ୍ଡରେ ଗଲାବେଳେ ଜ୍ୱର ରୋଗ ଭୋଗୁଥିବା ପିଲାଟିଏ ତା'ର ମାଆ କଥା ନମାନି ଦାଣ୍ଡରେ କୀର୍ତ୍ତନ ଦେଖିବା ପାଇଁ ଦୌଡି ଆସିଲାବେଳେ ଝୁଣ୍ଟି ପଡି ପିଣ୍ଡା ତଳକୁ ଗଡିପଡିଲା ଓ ତା'ର ମସ୍ତକରୁ ରକ୍ତ ଝରିଲା । ତା'ର ମା' ଏଥିରେ କ୍ରୋଧିତା ହୋଇ ପିଲାର ଗୁହମୁତ କନା ସବୁକୁ କୀର୍ତ୍ତନିଆଁଙ୍କ ଉପରକୁ ଫୋପାଡି ଦେଲା । ଶ୍ରୀଚୈତନ୍ୟ ତା' ମା'ର ଏପରି ବ୍ୟବହାରରେ ଦୁଃଖିତ ହେଲେ ସତ ମାତ୍ର ଏହାକୁ ଏକ ପୁରସ୍କାର ବୋଲି ମନେକରି ସେହି ଶିଶୁର ମଳକୁ ଚନ୍ଦନ ବୋଲି ଗ୍ରହଣ କଲେ । ଆଉ ମଳ ଥିବା କନାକୁ ମୃଦଙ୍ଗ ଉପରେ ବିଛେଇ ଦେଲେ । ତେଣୁ ମୃଦଙ୍ଗକୁ ଏପରି ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ତାହା ଉପରେ ଏକ କନା ଆବରଣର ଖୋଳ ରଖାଗଲା ଓ ସେହିଦିନଠାରୁ ଏହାର ଅନ୍ୟନାମ ହେଲା ଖୋଳ । ତେଣୁ ଶ୍ରୀଚୈତନ୍ୟ ଓ ପଞ୍ଚସଖା ଓଡ଼ିଶାରେ ଓଡ଼ିଶୀ କୀର୍ତ୍ତନ ପ୍ରସାରଣର ମୁଖ୍ୟ ଥିବାର କହିଲେ ଅତ୍ୟୁକ୍ତି ହେବନାହିଁ । ଇତିହାସରେ ଚୋଡଗଙ୍ଗଦେବଙ୍କ ରାଜତ୍ୱ ସମୟରୁ ଆରମ୍ଭ ହୋଇଥିବା ଏହି ସଂକୀର୍ତ୍ତନ ବା ରାହାସନୃତ୍ୟ ଓଡିଶାରେ ଓଡ଼ିଶୀ ସଂକୀର୍ତ୍ତନ ନାମରେ ପ୍ରଚାରିତ ହେଲା । ଶ୍ରୀଚୈତନ୍ୟଙ୍କ ସହିତ ଆସିଥିବା ବଙ୍ଗୀୟ ସାଥୀମାନେ ଓଡ଼ିଆ ସନ୍ଥମାନଙ୍କ ସହ କଳି କରି ତାଙ୍କୁ ଛାଡି ବୃନ୍ଦାବନ ଚାଲିଗଲେ । ତାଙ୍କ ସହ କୀର୍ତ୍ତନ କରିଆସୁଥିବା ସାଥୀମାନଙ୍କ କୀର୍ତ୍ତନକୁ ସେ ନଦିଆ କୀର୍ତ୍ତନ ନାମରେ କହୁଥିଲେ । ଖ୍ରୀ.ଅ. ୧୫୩୩, ଅପ୍ରେଲ ୨୭ ତାରିଖ ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା)ର ବ୍ରାହ୍ମ କାଳରେ ଶ୍ରୀଚୈତନ୍ୟଙ୍କର ଦେହାବସାନ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱ ବେଢାରେ ହୋଇଥିଲା । ଗଜପତି ସମ୍ରାଟ ପ୍ରତାପରୁଦ୍ରଦେବଙ୍କ ଆଦେଶରେ ତାଙ୍କ ମର ଶରୀରକୁ କୋଇଲି ବୈକୁଣ୍ଠରେ ପୋତି ଦିଆଗଲା । ସେଠାରେ କେବଳ ରାୟରାମାନନ୍ଦ, ଜଗନ୍ନାଥ ଦାସ ଓ ଅନ୍ୟ ଦୁଇଜଣ ସେବକ ଉପସ୍ଥିତ ଥିଲେ। ପରେ ଦେଉଳ ଶୋଧ କରାଯାଇଥିଲା । ସେହି ମହାମାନବମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀଚୈତନ୍ୟଙ୍କ ଦେହାବସାନ ଅକ୍ଷୟତୃତୀୟା ଦିନ ଠାରୁ ତିନି ଦିନ ପର୍ଯ୍ୟନ୍ତ ଏକ ସଂକୀର୍ତ୍ତନ ଯାତ୍ରା ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଶ୍ରୀଜୟଦେବଙ୍କ ଜୟନ୍ତୀ ଉତ୍ସବ ଅବସରରେ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବିଗତ ୨୦ବର୍ଷ ଧରି ଆୟୋଜନ ହୋଇ ଆସୁଅଛି । ପ୍ରତିବର୍ଷ ଶ୍ରୀଚୈତନ୍ୟ ଓ ପଞ୍ଚସଖା ଭୁବନେଶ୍ୱରସ୍ଥ ବିନ୍ଦୁସାଗର କୂଳସ୍ଥ ଅନନ୍ତ ବାସୁଦେବଙ୍କ ମନ୍ଦିରରୁ ଯେଉଁ ବାଟ ଦେଇ ପୁରୀ ପର୍ଯ୍ୟନ୍ତ ସଂକୀର୍ତ୍ତନ କରି ଯାଉଥିଲେ, ଆପାତତଃ ସେହି ପଥକୁ ଅନୁସରଣ କରି ଏହି ଆୟୋଜିତ ସଂକୀର୍ତ୍ତନ ଯାତ୍ରା ଯାଇଥାଏ।

ଏହି ସଂକୀର୍ତ୍ତନ ପ୍ରସାରଣରେ ଧର୍ମ ବା ଜାତିର କୌଣସି ପ୍ରତିବନ୍ଧକ ନଥାଏ । ସମାଜର ପ୍ରତ୍ୟେକ ବର୍ଗର ଲୋକ ଏଥିରେ ଭାଗ ନିଅନ୍ତି ଓ ସଂକୀର୍ତ୍ତନ ଯେଉଁ ଜନପଦମାନଙ୍କରେ ହୁଏ ବା ସେହିବାଟ ଦେଇ ଯାଏ, ସେଠାର ଲୋକମାନେ ସେହି ଦଳକୁ ଭକ୍ତିପୂତ ପ୍ରଣାମ ଜଣାଇଥାନ୍ତି । ତେଣୁ ସଂକୀର୍ତ୍ତନ ସମାଜ ମଧ୍ୟରେ ସମନ୍ୱୟ ଏବଂ ଭକ୍ତିଭାବ ପ୍ରସାର କରିବା ଦିଗରେ ଯଥେଷ୍ଟ ଭୂମିକା ନେଇଥାଏ । ହୁଏତ ବର୍ତ୍ତମାନ ଏହା କ୍ରମଶଃ ଲୋପ ପାଇଯିବା ପାଇଁ ଯାଉଛି ।

ପ୍ଲଟ୍ ନଂ-୧୧୮୧
ଦେବରାଜ ବିଦ୍ୟାପୀଠ ରୋଡ୍
ଗୋବିନ୍ଦ ପ୍ରସାଦ, ପୋ-ରସୁଲଗଡ଼, ଭୁବନେଶ୍ୱର